## ହାତୀ ଉପଦ୍ରବରେ ଆଖୁ, କଦଳୀ ବଗିଚା ନଷ୍ଟ

ନାକଟିଦେଉଳ,(ଡି.ଏନ.ଏ.)-ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅଧୀନ ବେଠିଆବେର୍ଣ୍ଣି ଗାଁରେ ୨ଦିନ ହେଲା ହାତୀ ଉପଦ୍ରବ ଜାରି ରହିଛି। ୨୩ତାରିଖରେ ଏକ ୫ ଟିକିଆ ହାତୀ ପଲ ଗାଁ ମୁଣ୍ଡରେ ଥିବା ଶ୍ରୀଧର ଦେହୁରୀଙ୍କ ବଗିଚା ଭିତରେ ପଶି କଦଳୀ ଏବଂ ଆଖୁ କ୍ଷେତରେ କ୍ଷତି ଘଟାଇଛନ୍ତି। ତେବେ ହାତୀ ଘଉଡ଼ାଇବା ଦିଗରେ ବନ ବିଭାଗ ପଦକ୍ଷେପ ନେବାସହ କ୍ଷତିପୂରଣ ଦେବାକୁ ଚାଷୀ ଶ୍ରୀଧର ଦାବି କରିଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ କନଷ୍ଟେବଲଙ୍କ ମୃତ୍ୟୁ

**ସମ୍ବଲପୁର, ୨୫।୭ (ବ୍ୟୁରୋ):** ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ମାଝୀପାଲି ନିକଟରେ ସଡକ ଦୁର୍ଘଟଣାରେ ଶନିବାର ଜଣେ କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରେଙ୍ଗାଲି ଥାନା ନିଶାନଭଙ୍ଗା ଗ୍ରାମର ସୁସଜିତ ନାରଙ୍ଗ(୨୫)। ସୂଚନା ଅନୁସାରେ, ମିଳିଥିବା ସୂଚନା ମୁତାବକ ସୁସଜିତଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବା ଖବର ଆସିଥିଲା। ସେ ଡ୍ୟୁଟି ସାରି ବାଇକ (ନଂ.ଓଡି୧୫ ଜି/୩୪୬୮) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ପୋଲିସ ସାହାଯ୍ୟରେ ତାଙ୍କୁ ବୁର୍ଲା ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଡାକ୍ତର ବଦଳିକୁ ବିରୋଧ

**ନୂଆପଡା ଅଫିସ,୨୫।୭:** କରୋନା ମହାମାରୀ ସମୟରେ ନୂଆପଡା ଜିଲାରୁ ୨ଜଣ ଦକ୍ଷ ଡାକ୍ତରଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଛି। ଏହାକୁ ଗରିବ ସେନା ବିରୋଧ କରିଛି। ଶନିବାର ଏକ୍ ଟିମ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୫୬ଟି ଡାକ୍ତର ପଦବୀ ରହିଛି। ସେଥିରୁ ମାତ୍ର ୧୬ଜଣ ଡାକ୍ତର ରହିଛନ୍ତି।

### ଚୋରି ସାମଗ୍ରୀ ଉଦ୍ଧାର, ୨ ଗିରଫ

**ସମ୍ବଲପୁର, ୨୫।୭ (ବ୍ୟୁରୋ):** ସମ୍ବଲପୁର ଜିଲା ସଦର ଥାନା ହାଲିପାଲି ଗ୍ରାମ ନିକଟରେ ଏକ ବିଲ୍ଡରଙ୍କ କ୍ୟାମ୍ପରୁ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଗ୍ରାମର ଶୁଭାଷ ଭୋଇ (୩୦) ଓ କଣ୍ଢେଇପାଲି ଗ୍ରାମର ରାଜୁ ଖୁରେସି (୨୮) । ସେମାନଙ୍କ ପାଖରୁ ବ୍ୟାଟେରୀ, ଏଲଇଡି ଟିଭି, ୨ଟି ଗ୍ୟାସ ସିଲିଣ୍ଡର, ଗ୍ୟାସ୍ ଚୂଲା, ଫିଲ୍ଟର, ଏକ ବାଇକ୍ ଜବତ ହୋଇଛି । ଏ ନେଇ ସଦର ଥାନାରେ ଏକ ମାମଲା (ନଂ. ୧୬୭/୨୦) ରୁଜୁ ହୋଇଛି । ସୂଚନାଯୋଗ୍ୟ, ଗତ ୨୩ ତାରିଖ ରାତିରେ ଅଭିଯୁକ୍ତମାନେ କ୍ୟାମ୍ପ ଭିତରକୁ ପ୍ରବେଶ କରି ସାମଗ୍ରୀ ଚୋରି କରିନେଇଥିଲେ । ଏହାକୁ ନେଇ କମ୍ପାନୀ କର୍ମଚାରୀ ଦୀପକ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା ।

### ବିଏସ୍ଏଫ୍ ଯବାନଙ୍କ ପରଲୋକ

**ସରଣ୍ଡା,୨୫।୭(ଡି.ଏନ.ଏ):** ଜମ୍ମୁ କଶ୍ମୀରରେ ବିଏସଏଫ ଯବାନ ଭାବେ କାର୍ଯ୍ୟରତ ବରଗଡ଼ ଜିଲା ଅତାବିରା ବ୍ଲକ ଅମଲିପାଲି ପଞ୍ଚାୟତ ଗଡ଼ତିଆଟିକ୍ରା ଗ୍ରାମର ଯଦୁମଣି ଭୁଏଙ୍କ ଶୁକ୍ରବାର ପରଲୋକ ହୋଇଛି । ବେଳକୁ ତାଙ୍କୁ ୩୧ବର୍ଷ ହୋଇଥିଲା । ଗଡ଼ତିଆଟିକ୍ରା ଗ୍ରାମର ବାଲି ଭୁଏ ଏବଂ ବୈଶାଖୀଙ୍କ ୫ ପୁଅଙ୍କ ମଧ୍ୟରେ ସେ ସାନ ଥିଲେ। ଜମ୍ମୁ କଶ୍ମୀରରେ ଥିବାବେଳେ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ସେଠାକାର ଏକ ହସ୍‌ପିଟାଲରେ ୧୨ଦିନ ଧରି ଚିକିତ୍ସାଧୀନ ଥିବାବେଳେ ତାଙ୍କ ପରଲୋକ ହୋଇଥିଲା ବୋଲି ମୃତ ଯବାନଙ୍କ ପୁତୁରା ଧନଞ୍ଜୟ କହିଛନ୍ତି ।

### ଲହୁଣୀପଡ଼ାରେ ପ୍ରଥମ କରୋନା ରୋଗୀ ଚିହ୍ନଟ

**ଲହୁଣୀପଡା, ୨୫।୭ (ଡି.ଏନ.ଏ.)** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକରେ ଶନିବାର ପ୍ରଥମ କରୋନା ପଜିଟିଭ ଚିହ୍ନଟ ହୋଇଛି। ସଂକ୍ରମଣ ପ୍ରତିହତ ଲାଗି ଟାଉନ, ସୁକପାଲି, ଗମ୍ଭାରଡିହି, ଲଟେଇମୁଣ୍ଡି ଏବଂ ଲହୁଣୀପଡାକୁ ୪୮ ଘଣ୍ଟା ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଅନ୍ୟପକ୍ଷେ ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଧାନାଇଚରଣ ଟୁଡୁଙ୍କ ଅଧ୍ୟକ୍ଷତାରେ ଏକ ବୈଠ ବସିଥିଲା । ଏଥିରେ ନୋଡାଲ ଅଫିସର ତହସିଲଦାର ଆଲୋକ କୁମାର ଦେହୁରୀ, ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡି, ଡା. କ୍ଷେତ୍ରମୋହନ ଛତ୍ରିଆ ଏବଂ ସରପଞ୍ଚ ଜୁଲିଆନି କାଣ୍ଡିର ଯୋଗ ଦେଇଥିଲେ। ପଜିଟିଭ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ନ ପାରିଲେ କଣ୍ଟେନମେଣ୍ଟ ଅବଧି ଆହୁରି ବୃଦ୍ଧି କରାଯିବ ବୋଲି ଏଥିରେ ନିଷ୍ପତ୍ତି ହୋଇଛି।

# ପରିବାର ନିୟୋଜନ ଅସ୍ତ୍ରୋପଚାରରେ ତ୍ରୁଟି

**ନୂଆପଡା ଅଫିସ,୨୫।୭**

**ଅଭିଯୋଗ ପରେ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ**



ପରିବାର ସଦସ୍ୟଙ୍କ ସହ ଡୋଲାମଣି ମାଝି।

ନୂଆପଡ଼ା ଜିଲା ବୋଡେନ ବ୍ଲକ ନାଗପଡା ପଞ୍ଚାୟତ ମାଲଭଟା ଗାଁର ଜଣେ ମହିଳାଙ୍କ ପରିବାର ନିୟୋଜନ ଅସ୍ତ୍ରୋପଚାରରେ ତ୍ରୁଟିଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟପରୀକ୍ଷା ପରେ ଡାକ୍ତରମାନେ ଏ କଥା କହିଛନ୍ତି । ଏହି ଘଟଣାକୁ ନେଇ ଜିଲା ଦଳିତ ଅଧିକାର ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଭୁଲ୍ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାଷ୍ଠାନ ଗ୍ରହଣ କରିବା ସହ କ୍ଷତିପୂରଣ ଦେବାକୁ ମଞ୍ଚ ଦାବି କରିଛି। ଉକ୍ତ ଘଟଣାର ତଦନ୍ତ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ମାଲଭଟା ଗାଁର ମୀନକେତନ ମାଝିଙ୍କ ୨ ଝିଅ ଏବଂ ଗୋଟିଏ ପୁଅ। ପରିବାର ପ୍ରତିପୋଷଣ ବୋଝକୁ ଏଡାଇବାକୁ ଯାଇ ସେ ସ୍ତ୍ରୀ ଡୋଲାମଣିଙ୍କ ପରିବାର ନିୟୋଜନ ଅସ୍ତ୍ରୋପଚାର କରିବାକୁ ମନସ୍ଥ କରିଥିଲେ। ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଅନୁଷ୍ଠିତ ଏକ କ୍ୟାମ୍ପରେ ଡୋଲାମଣିଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ଅସ୍ତ୍ରୋପଚାର ସରିବା କ୍ଷଣି ଡୋଲାମଣିଙ୍କ ଯନ୍ତ୍ରଣା ବଢ଼ିଥିଲା । ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ନ ହେବାରୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ତାଙ୍କର କିଛିଦିନ ଚିକିତ୍ସା ଚାଲିଥିଲା । ହେଲେ ସେ ସୁସ୍ଥ ହୋଇ ନ ଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡୋଲାମଣିଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ ପରିବାର ନିୟୋଜନ ଅସ୍ତ୍ରୋପଚାରରେ ତ୍ରୁଟି ଥିବାରୁ ଏପରି ହୋଇଥିବା କହିଥିଲେ । ଏ କଥା ଜଣାପଡିବା ପରେ ଡୋଲାମଣିଙ୍କ ପରିବାର ସଦସ୍ୟଙ୍କ ମଧ୍ୟର ଚିନ୍ତା ବଢ଼ିଛି।

ଏ ନେଇ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପୁଣ୍ୟବ୍ରତ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ଲକର ଦେଢଶହ ମହିଳାଙ୍କ ଅସ୍ତ୍ରୋପଚାର ସଫଳ ହୋଇଛି। ଡୋଲାମଣିଙ୍କୁ କାହିଁକି ଅବହେଳା କରାଯିବ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ବରଂ ଡୋଲାମଣିଙ୍କ ଗର୍ଭାଶୟରେ ସଂକ୍ରମଣ ଥିଲା। ତା'ର ଚିକିତ୍ସା ପାଇଁ ପ୍ରୟାସ କରାଯାଇଥିଲା ବୋଲି ଡାକ୍ତର ମହାପାତ୍ର କହିଛନ୍ତି। ଅନ୍ୟପକ୍ଷେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଥିବା ସିଡିଏମ୍‌ଓ ଡା. କାଳୀଚରଣ ବେହେରା ପ୍ରକାଶ କରଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି ।

## ବରଗଡ଼ରେ ୧୪ କରୋନା ପଜିଟିଭ ଚିହ୍ନଟ

**ବରଗଡ଼ ଅଫିସ୍,୨୫।୭**

ବରଗଡ଼ ଜିଲାରେ ଶନିବାର ୧୪ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୩ଜଣ ବରଗଡ଼ର ହୋଇଥିବାବେଳେ ଅନ୍ୟ ଜଣକ ଭବାନୀପାଟଣାର ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ବରଗଡ଼ ବ୍ଲକ କଟାପାଲି ଅବରୋଧ ଅଞ୍ଚଳର ଜଣେ, ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ର ୨ଜଣ, ୱାର୍ଡ ନଂ-୫ର ଜଣେ, ୱାର୍ଡ ନଂ-୧୨ର ୨ଜଣ, ପଦ୍ମପୁର ଏନ୍‌ଏସିର ଜଣେ ହାଇଦ୍ରାବାଦ ଫେରନ୍ତା, ପଦ୍ମପୁର ବ୍ଲକ ସିଂହମପୁରର ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୪ଜଣ, ସୋହେଲା କ୍ଲଷ୍ଟର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ଜଣ ହାଇଦ୍ରାବାଦ ଫେରନ୍ତା ରହିଛନ୍ତି। ଭବାନୀପାଟଣାର ଆକ୍ରାନ୍ତ ଜଣକ ବରଗଡ଼ ଆଇସୋଲେଶନ ସେଣ୍ଟରରେ ଥିଲେ ଏବଂ ତାଙ୍କୁ ଭୁବନେଶ୍ୱର କିମ୍ସ ହସ୍‌ପିଟାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆକ୍ରାନ୍ତମାନଙ୍କୁ ବରଗଡ଼ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ

**ବରଗଡ଼ ଅଫିସ୍,୨୫।୭**

ବରଗଡ଼ ଜିଲାରେ କାର୍ଯ୍ୟରତ ୩ଜଣ ଡାକ୍ତରଙ୍କୁ ଜିଲା ବାହାରକୁ ବଦଳି ହୋଇଛି। ଏଭଳି ବଦଳିକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଚିଠି ଲେଖିଛନ୍ତି। ଡାକ୍ତର ବଦଳି ଆଦେଶ ବାତିଲ ସହିତ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ସମେତ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି କରିବାକୁ ଅନୁରୋଧ କରିଛନ୍ତି। ଜିଲାରେ ପ୍ରାୟ ୩୦୦ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ୧୪୮ଜଣ ରହିଛନ୍ତି ବୋଲି ବିଧାୟକ ଚିଠିରେ ଉଲ୍ଲେଖ କରିଛନ୍ତି ।

# ପ୍ରତିଶ୍ରୁତି ଦେଲେ ଜିଲାପାଳ, ଆନ୍ଦୋଳନ ପ୍ରତ୍ୟାହୃତ



ଆନ୍ଦୋଳନକାରୀଙ୍କ ସହ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଆଲେଚନା କରୁଛନ୍ତି।

**ବାଙ୍କୀବାହାଲ-ଟପରିଆ ରାସ୍ତା ନିର୍ମାଣ ପ୍ରସଙ୍ଗ**

**ସୁନ୍ଦରଗଡ, ୨୫।୭ (ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ୍ ବାଙ୍କୀବାହାଲ-ଟପରିଆ ରାସ୍ତା ନିର୍ମାଣ ନେଇ ଚାଲିଥିବା ଅନଶନ ଓ ଅର୍ଥନୈତିକ ଅବରୋଧ ଆନ୍ଦୋଳନରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ଉପସ୍ଥିତିରେ ଜିଲାପାଳ ନିଖିଲ ପବନ କଲ୍ୟାଣ ଶୁକ୍ରବାର ସନ୍ଧ୍ୟାରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ରାସ୍ତା ନିର୍ମାଣ ପାଇଁ ପ୍ରଶାସନିକ ଓ ବୈଷୟିକ ପ୍ରକ୍ରିୟା ଆରମ୍ଭ ହୋଇଛି। ୩ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାତି ପ୍ରାୟ ୯ଟା ବେଳେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ପଡୋଶୀ ଛତିଶଗଡ ରାଜ୍ୟକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ଏମ୍‌ସିଏଲ୍ ପକ୍ଷରୁ ପ୍ରତିଦିନ ଶହ ଶହ ଟ୍ରକ୍‌ରେ କୋଇଲା ପରିବହନ ହେଉଛି। ଏଥିଯୋଗୁ ରାସ୍ତା ଅବସ୍ଥା କଦର୍ଯ୍ୟ ହୋଇ ପଡିଛି । ଫଳରେ ଲୋକଙ୍କ ଯିବା ଆସିବାରେ ସମସ୍ୟା ହେଉଛି। ଏହି ରାସ୍ତାର ଉନ୍ନତିକରଣ ପାଇଁ ଲୋକେ ବାରମ୍ବାର ଦାବି କରି ଆସିଛନ୍ତି। ହେଲେ ଏମ୍‌ସିଏଲ୍ ଓ ରାଜ୍ୟ ସରକାର କେହି ଶୁଣି ନାହାନ୍ତି। ଏଣୁ ଗତ ୧୬ତାରିଖ ଠାରୁ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ୧୧ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଓ ସ୍ଥାନୀୟ ଲୋକେ ଧାରଣା ଦେଇଥିଲେ। ଛତାବର ଛକରେ ବିଧାୟିକାଙ୍କ ପ୍ରତିନିଧି ସରୋଜ ପାଣିଗ୍ରାହୀ, ବିଶିକେଶନ ସା ଆମରଣ ଅନଶନରେ ବସିଥିଲେ। ଆନ୍ଦୋଳନକାରୀ ୨୧ତାରିଖରୁ ସେହି ରାସ୍ତାରେ ଅର୍ଥନୈତିକ ଅବରୋଧ କରିଥିଲେ। ଏହାସହ ଏମ୍‌ସିଏଲ୍‌ର ବସୁନ୍ଧରା, ଗର୍ଜନବାହାଲ ଓ କୁଲଡା ଖଣି କ୍ଷେତ୍ରର କୋଇଲା ଉତ୍ତୋଳନ ଓ ପରିବହନ ବନ୍ଦ କରିଦେଇଥିଲେ। ଫଳରେ ଏମ୍‌ସିଏଲ୍‌ର ବିପୁଳ ରାଜସ୍ୱ କ୍ଷତି ହୋଇଥିଲା। ବଲିଙ୍ଗା-ଟପରିଆ ରାସ୍ତାରେ ଶହ ଶହ କୋଇଲା ଟ୍ରକ ଅଟକି ରହିଥିଲା। ଶୁକ୍ରବାର ପ୍ରଶାସନ ହସ୍ତକ୍ଷେପରେ ପୋଲିସ ଫୋର୍ସ ମୁତୟନ କରାଯାଇ କୋଇଲା ଉତ୍ତୋଳନ ହୋଇଥିଲା। ରାତିରେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ବେଳେ ଜିଲାପାଳଙ୍କ ସହ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଓ ସଦର ଏସ୍‌ଡିପିଓ ମଧୁସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଘରୁ ନ ବାହାରି ଟେଲିମେଡିସିନ ସେବା ପାଇବେ ରୋଗୀ

**ରାଉରକେଲା ଅଫିସ,୨୫।୭**

ସହରରେ କରୋନା ସଂକ୍ରମଣ ସ୍ଥିତି ଉଦ୍‌ବେଗଜନକ ରହିଥିବା ବେଳେ ଶନିବାର ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ)ନିର୍ଦ୍ଦେଶକ ଡଃ ନୀଳକଣ୍ଠ ମିଶ୍ରଙ୍କ ଦ୍ୱାରା ଟେଲିମେଡିସିନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ସଂକ୍ରମଣ ପ୍ରତିହତ ନେଇ ସବୁଠି କଟକଣା ଜାରି କରାଯାଇଥିବା ବେଳେ ଆରଜିଏଚକୁ ମଧ୍ୟ ରୋଗୀ ଯାତାୟତ ନେଇ ସମସ୍ୟା ସୃଷ୍ଟି ହୋଇଛି। ଏମିତି ଅବସ୍ଥାରେ ସହରବାସୀଙ୍କୁ ସହଜ ଓ ସୁବିଧାରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ବ୍ୟବସ୍ଥାର ମୂଳ ଲକ୍ଷ୍ୟ ବୋଲି ମିଶ୍ର କହିଛନ୍ତି। ଲୋକେ ଘରୁ ଥାଇ ନିର୍ଦ୍ଦିଷ୍ଟ ଟେଲିଫୋନ ନମ୍ବରରେ ରୋଗର ବିବରଣୀ ପ୍ରଦାନ କଲେ ସେମାନଙ୍କୁ ଆବଶ୍ୟକ ଔଷଧ ସେବନ ନେଇ ପରାମର୍ଶ ପ୍ରଦାନ କରାଯିବ। ଏହି ସେବା ପ୍ରତି ଦିନ ସକାଳ ୮ରୁ ନେଇ ସନ୍ଧ୍ୟା ୫ଟା ଯାଏ ଖୋଲା ରହିବ। କେବଳ ରବିବାର ସକାଳ ୮ଟାରୁ ଦିନ ୧ଟାଏ ଯାଏ ସେବା ମିଳି ପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପ୍ଲାଜ୍‌ମା ଦାନ କରିବେ ଓକିଲ

**ବରଗଡ଼ ଅଫିସ୍,୨୫।୭** –ବରଗଡ଼ର ଆଡ଼ଭୋକେଟ୍ ଶୈଳେନ୍ଦ୍ର ବିଶ୍ୱାଳ କରୋନା ଆକ୍ରାନ୍ତଙ୍କୁ ପ୍ଲାଜମା ଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । କରୋନା ଆକ୍ରାନ୍ତ ହୋଇ ବରଗଡ଼ କୋଭିଡ୍ ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ସେ ଏହା କହିଛନ୍ତି । ହସପିଟାଲରେ ସମସ୍ତ ସୁବିଧା, ସେବା ଯୋଗାଇ ଦିଆଯାଇଥିଲା ଏବଂ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା ତାଙ୍କୁ ପ୍ଲାଜମା ଦାନ କରିବା ପାଇଁ ଉତ୍ସାହିତ କରିଥିବା ସେ କହିଛନ୍ତି। ସେ ଯାହାକୁ ପ୍ଲାଜମା ଦାନ କରିବେ, ସେହି ଆକ୍ରାନ୍ତ ଜଣକ ବରଗଡ଼ର ହୋଇଥିଲେ ବହୁତ ଭଲ ହେବ ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି । ସେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଗତ ୨୨ତାରିଖରୁ କୋଭିଡ୍ ହସପିଟାଲରେ ଭର୍ତ୍ତି ହୋଇଥିଲେ । ତେବେ ତାଙ୍କର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା ।

## କଫ ସିରପ ଜବତ, ୪ ଗିରଫ

**ବରଗଡ଼ ଅଫିସ୍,୨୫।୭**

ବରଗଡ଼ ଜିଲା ବରପାଲି ପୋଲିସ କଫ ସିରପ ଓ ନିଶା ବଟିକା ଚାଲାଣ କରିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲା ସୋହେଲା ଥାନା ବନାବିରା ଗ୍ରାମର ଚୂଡ଼ାମଣି ସେଠ(୪୦), ମେଲଛାମୁଣ୍ଡା ଥାନା ପେଟୁପାଲି ଗ୍ରାମର ମିତ୍ରଭାନୁ ମେହେର(୨୫), ଗାଇସିଲେଟ ଥାନା ତାଲପାଲି ଗ୍ରାମର ପ୍ରକାଶ ସାହୁ(୩୦) ଏବଂ କାହ୍ନା ସେଠ(୧୯)। ସେମାନଙ୍କ ପାଖରୁ ୩୨୯୦ ବୋତଲ ସିଲ୍‌ଡ କଫ ସିରପ, ଭାଙ୍ଗିଥିବା ୭୦ବୋତଲ କଫ ସିରପ, ୮୦ଟି ନାଇଟ୍ରୋଶନ ବଟିକା, ୪ଟି ମୋବାଇଲ, ୨ଟି ଚାରିଚକିଆ ଗାଡ଼ି (ନଂ.ଓଡ଼ି୦୩ଏନ/୦୧୭୦ ଏବଂ ନଂ.ଓଡ଼ି୦୨ଜି/୧୪୫୭) ଏବଂ ନଗଦ ୨୧୮୦ଟଙ୍କା ଜବତ ହୋଇଛି।

ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ଶନିବାର ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଥିଲେ, ଗିରଫ ଅଭିଯୁକ୍ତମାନେ ଶୁକ୍ରବାର ମହଦା ଛକ ପାଖରେ ବରଗଡ଼, ସୋହେଲା ଏବଂ ଲୁହୁରାଚଟି ଅଞ୍ଚଳକୁ କଫ ସିରପ, ନିଶା ବଟିକା ଚାଲାଣ ପାଇଁ ଯୋଜନା କରୁଥିଲେ। ଏ ନେଇ ସୂଚନା ପାଇ ବରପାଲି ଥାନାର ଏକ ସ୍କ୍ୱାଡ୍ ସେଠାରେ ଅତର୍କିତ ଚଢ଼ାଉ କରି ସେମାନଙ୍କୁ ଧରିଥିଲେ। ଗିରଫ ଅଭିଯୁକ୍ତ ଚୂଡ଼ାମଣିଙ୍କ ବିରୋଧରେ ଜିଲାର ବିଭିନ୍ନ ଥାନାରେ ୧୨ଟି ଏବଂ କାହ୍ନାଙ୍କ ବିରୋଧରେ ପୂର୍ବରୁ ଗୋଟିଏ ମାମଲା ରହିଥିବା ଏସ୍‌ପି ସାହୁ ସୂଚନା ଦେଇଥିଲେ।


## UTKAL GRAMEEN BANK

(Sponsored by State Bank of India)
HEAD OFFICE, Club Para, Bolangir, PO/Dist.- Bolangir, PIN-767001
AUDITED FINANCIAL RESULTS FOR THE YEAR 2019-20
BALANCE SHEET AS ON 31/03/2020

(Rs. In thousand)

| CAPITAL & LIABILITIES | Schedule | As on 31.03.2020 (Current Year) | As on 31.03.2019 (Previous Year) |
|---|---|---|---|
| Capital | 1 | 7022131 | 4949233 |
| Perpetual Bond | 1(A) | 81383 | 81383 |
| Share Capital Deposit | 1(B) | 2279360 | 323367 |
| Reserves & Surplus | 2 | NIL | NIL |
| Deposits | 3 | 70470647 | 64961540 |
| Borrowings | 4 | 2705 | 64678 |
| Other Liabilities & Provisions | 5 | 3371424 | 5288628 |
| **TOTAL** | | 83227650 | 75668829 |
| **ASSETS** | | | |
| Cash and Balances with Reserve Bank of India | 6 | 2433284 | 3105879 |
| Balances with Banks and Money at Call and Short Notice | 7 | 9144247 | 4800215 |
| Investments | 8 | 36295684 | 32683472 |
| Loans & Advances | 9 | 23931935 | 24822387 |
| Fixed Assets | 10 | 76318 | 92352 |
| Other Assets | 11 | 11346182 | 10164524 |
| **TOTAL** | | 83227650 | 75668829 |
| Contingent Liabilities | 12 | 509654 | 447308 |
| Bills for Collection | | NIL | NIL |
| Principal Accounting Policies and Notes on Accounts | 17 & 18 | | |

**PROFIT & LOSS ACCOUNT FOR THE YEAR ENDED 31st March, 2020**

| | Schedule | As on 31.03.2020 (Current Year) | As on 31.03.2019 (Previous Year) |
|---|---|---|---|
| I. INCOME | | | |
| Interest earned | 13 | 5116834 | 3855392 |
| Other income | 14 | 619604 | 408206 |
| **TOTAL** | | 5736438 | 4263598 |
| II. EXPENDITURE | | | |
| Interest expended | 15 | 3379159 | 3283951 |
| Operating expenses | 16(A) | 1787324 | 1581881 |
| Provisions & contingencies | 16(B) | 1964881 | 3172084 |
| **TOTAL** | | 7131364 | 8037916 |
| III. PROFIT & LOSS | | | |
| Profit before tax | | -1394926 | -3774318 |
| Less : Tax Provision | | | |
| Provision for Income Tax for the Financial Year | | NIL | NIL |
| Profit after Tax | | -1394926 | -3774318 |
| Loss brought forward | ( * ) | -8239742 | -4465424 |
| **TOTAL** | | -9634668 | -8239742 |
| Balance carried over to Balance Sheet | | -9634668 | -8239742 |
| **TOTAL** | | -9634668 | -8239742 |

(1)Above financial results have been audited by the Statutory Central Auditors M/s Agasti & Associates, BBSR in line with the guidelines issued by NABARD and signed by the SCA on 11.05.2020 and approved by the Board of Directors of the Bank (2) The Financial results have been arrived at as per the standard accounting principles and after considering provisions for Non Performing Assets/ Standard Assets as per prudential norms issued by NABARD and other required provisions.

Place: Bolangir ( Manmohan Sahoo) ( General Manager I ) (Ranjit Kumar Mishra ) ( Chairman )
Date:- 11/05/2020



## पंजाब नैशनल बैंक ......भरोसे का प्रतीक | punjab national bank ...the name you can BANK upon!

(A GOVERNMENT OF INDIA UNDERTAKING)

ଅସୁଲି ବିଭାଗ, ମଣ୍ଡଳ କାର୍ଯ୍ୟାଳୟ: ଉତ୍ତର ଦିଲ୍ଲୀ, ୩ୟ ମହଲା, ରାଜେନ୍ଦ୍ର ଭବନ, ରାଜେନ୍ଦ୍ର ପ୍ଲେସ୍, ନୂଆଦିଲ୍ଲୀ-୧୧୦୧୨୫ ଫୋନ୍: ୦୧୧-୨୫୭୪୪୧୬୩, ଇମେଲ୍: condelrd@pnb.co.in

### ସ୍ଥାବର ସମ୍ପତ୍ତି ବିକ୍ରି ପାଇଁ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ (୬)ର ବ୍ୟବସ୍ଥାପନ ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିଜ୍ଞପ୍ତି। ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ତଥା ବିଶେଷକରି ରଣଗ୍ରହୀତା(ମାନ) ଓ ଜାମିନଦାର(ମାନ)ଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ ବନ୍ଧକ ରଣଦାତାଙ୍କ ନିକଟରେ ବନ୍ଧକ ରଖାଯାଇଥିବା/ପ୍ରଭାରିତ ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ନିର୍ମାଣଗତ/ବାସ୍ତବିକ/ସାଙ୍କେତିକ ଦଖଲ ବ୍ୟାଙ୍କ/ବନ୍ଧକ ରଣଦାତାଙ୍କ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ସମ୍ପୃକ୍ତ ରଣଗ୍ରହୀତା(ମାନ) ଓ ଜାମିନଦାର(ମାନ)ଙ୍କଠାରୁ ବ୍ୟାଙ୍କ/ବନ୍ଧକ ରଣଦାତାଙ୍କର ବକେୟା ଦେୟ ଅସୁଲି ପାଇଁ ନିମ୍ନପ୍ରଦତ୍ତ ସାରଣୀରେ ଦର୍ଶିତ ତାରିଖରେ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ସମ୍ପୃକ୍ତ ସମ୍ପତ୍ତି ବାବଦରେ ନିମ୍ନପ୍ରଦତ୍ତ ସାରଣୀରେ ଦର୍ଶାଯାଇଛି ।

### ବନ୍ଧକ ପରିସମ୍ପତ୍ତିର ବିକ୍ରୟ ଅନୁସୂଚୀ

| ଶାଖାର ନାମ / ଖାତାର ନାମ / ରଣଗ୍ରହୀତା/ଜାମିନଦାରଙ୍କ ଖାତାର ନାମ ଓ ଠିକଣା | ସରଫେସି ଅଧିନିୟମ ୨୦୦୨ର ଧାରା ୧୩(୨) ଅଧୀନରେ ଡିମାଣ୍ଡ ନୋଟିସ ତାରିଖ / ଡିମାଣ୍ଡ ନୋଟିସ ଅନୁଯାୟୀ ପରିମାଣ / ସରଫେସି ଅଧିନିୟମ ୨୦୦୨ର ଧାରା ୧୩(୪) ଅଧୀନରେ ଦଖଲ ତାରିଖ / ଦଖଲର ପ୍ରକୃତି ସାଙ୍କେତିକ/ବାସ୍ତବିକ/ନିର୍ମାଣଗତ | ବନ୍ଧକ ସ୍ଥାବର ସମ୍ପତ୍ତିର ବିବରଣୀ/ମାଲିକଙ୍କ ନାମ (ସମ୍ପତ୍ତି[ଗୁଡ଼ିକ]ର ବନ୍ଧକଦାତା) | ସଂରକ୍ଷିତ ମୂଲ୍ୟ / ଇଏମ୍‌ଡି (ଇଏମ୍‌ଡି ଜମାର ଶେଷ ତାରିଖ) / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମର ତାରିଖ/ସମୟ | ବନ୍ଧକ ରଣଦାତାଙ୍କ ଜ୍ଞାତସାରରେ ଥିବା ଜବର-ଦଖଲର ବିବରଣୀ ପ୍ରାଧିକୃତ ଅଧିକାରୀଙ୍କ ନାମ ଓ ଯୋଗାଯୋଗ |
|---|---|---|---|---|---|
| ପିଏନ୍‌ବି-ଏଆର୍‌ଏମ୍‌ବି, ମୟୂର ବିହାର ଫେଜ୍ II, ନୂଆଦିଲ୍ଲୀ<br>**ମେସର୍ସ ଇସ୍ପାତ ଆଲଏଜ୍ ଇଣ୍ଡିଆ (ପ୍ରା) ଲିମିଟେଡ୍**, ନଂ. ୧୨ ୧ମ ମହଲା ଇଷ୍ଟ ଏଣ୍ଡ ଏନକ୍ଲେଭ, ଲକ୍ଷ୍ମୀନଗର ନୂଆଦିଲ୍ଲୀ (ରଣଗ୍ରହୀତା ତଥା ବନ୍ଧକଦାତା), ଶ୍ରୀ ରାକେଶ ଶର୍ମା (ନିର୍ଦ୍ଦେଶକ ତଥା ଜାମିନଦାର), ୨୩୮୬ ଚିପିୱାରା ଜାମା ମସ୍‌ଜିଦ୍ ନୂଆଦିଲ୍ଲୀ, ଶ୍ରୀ ରାଜୀବ ଗୁପ୍ତା (ନିର୍ଦ୍ଦେଶକ ତଥା ଜାମିନଦାର) ବି-୧୦୨ ଜନସତ୍ତା ଆପାର୍ଟମେଣ୍ଟ, ସେକ୍ଟର-୯, ବସୁନ୍ଧରା ଗାଜିଆବାଦ, ଶ୍ରୀ ପ୍ରଶାନ୍ତ କୁମାର ଶର୍ମା (ଜାମିନଦାର ତଥା ବନ୍ଧକଦାତା) ଲକ୍ଷ୍ମୀବିହାର ଭାଦ୍ରାବାଦ ହରିଦ୍ୱାର ଉତ୍ତରାଖଣ୍ଡ, ମେସର୍ସ ଇସ୍ପାତ ଉଦ୍ୟୋଗ, ଏକକ ସ୍ୱତ୍ୱାଧିକାରୀ ରାଜୀବ ଗୁପ୍ତା (ନିର୍ଦ୍ଦେଶକ ତଥା ବନ୍ଧକଦାତା)ଙ୍କ ମାଧ୍ୟମରେ ନଂ. ୧୨ ୧ମ ମହଲା ଇଷ୍ଟ ଏଣ୍ଡ ଏନକ୍ଲେଭ, ଲକ୍ଷ୍ମୀନଗର ନୂଆଦିଲ୍ଲୀ, ଶ୍ରୀମତୀ ଚାରୁ ଗୁପ୍ତା (ଜାମିନଦାର) ବି-୧୦୨ ଜନସତ୍ତା ଆପାର୍ଟମେଣ୍ଟ, ସେକ୍ଟର-୯, ବସୁନ୍ଧରା ଗାଜିଆବାଦ ଏବଂ ଶ୍ରୀ ରାମେଶ୍ୱର ପ୍ରସାଦ ଗୁପ୍ତା (ଜାମିନଦାର ତଥା ବନ୍ଧକଦାତା) ବି-୧୦୨ ଜନସତ୍ତା ଆପାର୍ଟମେଣ୍ଟ, ସେକ୍ଟର-୯, ବସୁନ୍ଧରା ଗାଜିଆବାଦ | ୧୮।୧୧।୧୪<br>ଟ.୨୯୫୮.୧୮ ଲକ୍ଷ + ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଶୁଳ୍କ ଏବଂ ସମ୍ପୂର୍ଣ୍ଣ ଓ ଚୂଡ଼ାନ୍ତ ପରିଶୋଧ ପର୍ଯ୍ୟନ୍ତ ବ୍ୟୟ<br>୧୪।୦୬।୨୦୧୬<br>ବାସ୍ତବିକ | ଇସ୍ପାତ ଆଲଏଜ୍ ପ୍ରାଇଭେଟ ଲିମିଟେଡ୍ ନାମରେ ଗ୍ରାମ: ଆୟକଟା, ପୋଷ୍ଟ: ଦନରା, ଥାନା: ବାରକୋଟ, ଜିଲ୍ଲା: ଦେବଗଡ଼, ଓଡ଼ିଶା ସ୍ଥିତ କାରଖାନା ଓ ଯନ୍ତ୍ରପାତି ସମେତ କାରଖାନା ଜମି ଓ ବିଲ୍ଡିଂ | ଟ.୫୨୫.୦୦ ଲକ୍ଷ<br>ଟ.୫୨.୫୦ ଲକ୍ଷ [୦୭।୦୮।୨୦୨୦]<br>ଟ.୨୫୦୦୦/- | ୧୦।୦୮।୨୦୨୦ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା | ଜ୍ଞାତସାରରେ ନାହିଁ<br>ଶ୍ରୀ ଅଜୟ କୁମାର କୌଲ, ଚିଫ୍ ମ୍ୟାନେଜର, ମୋ. ନଂ. ୯୭୯୭୪୧୦୦୩୩ ମେଲ୍ ଆଇଡି: bo8075@pnb.co.in |

**ଇ-ନିଲାମ ବିକ୍ରୟର ସଂକ୍ଷିପ୍ତ ନିୟମ ଓ ସର୍ତ୍ତାବଳୀ:** ବିକ୍ରୟ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ରେ ନିର୍ଦ୍ଧାରିତ ନିୟମ ଓ ସର୍ତ୍ତାବଳୀ ତଥା ନିମ୍ନଲିଖିତ ସର୍ତ୍ତାବଳୀ ଉପରେ ନିର୍ଭର କରିବ: (୧) ସମ୍ପତ୍ତିଗୁଡ଼ିକ "ଯେପରି ଅଛି ଯେଉଁଠି ଅଛି ଭିତ୍ତି" ଏବଂ "ଯେପରି ଅଛି ଯାହା ଅଛି ଭିତ୍ତି" ଓ "ସେଠାରେ ଯାହା ବି ଅଛି ଭିତ୍ତି"ରେ ବିକ୍ରୟ କରାଯିବ। (୨) ଉପର ପ୍ରଦତ୍ତ ଅନୁସୂଚୀରେ ଦର୍ଶିତ ବନ୍ଧକ ପରିସମ୍ପତ୍ତିର ବିବରଣୀ ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଉପଲବ୍ଧ ସମ୍ପୂର୍ଣ୍ଣ ସୂଚନା ଅନୁଯାୟୀ ଦର୍ଶିତ, କିନ୍ତୁ ଏହି ଉଦ୍‌ଘୋଷଣାରେ କୌଣସି ତ୍ରୁଟି, ଭୁଲ୍ ବକ୍ତବ୍ୟ କିମ୍ବା ବାଦ୍ ପାଇଁ ପ୍ରାଧିକୃତ ଅଧିକାରୀ ଉତ୍ତରଦାୟୀ ରହିବେ ନାହିଁ । (୩) ଇ-ନିଲାମ ୱେବ୍‌ସାଇଟ୍ https://www.mstcecommerce.comରେ ପ୍ରଦତ୍ତ ଇ-ନିଲାମ ପ୍ଲାଟଫର୍ମ ଜରିଆରେ ଉପରଦର୍ଶିତ ନିଲାମ ତାରିଖ ଓ ସମୟରେ ସଞ୍ଚାଳିତ କରାଯିବ। (୪) ବିକ୍ରୟର ଅଧିକ ବିବରଣୀ ଏବଂ ସମ୍ପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି :: www.ibapi.in, www.tenders.gov.in, www.mstcecommerce.com, https://eprocure.gov.in/epublish/app ଦେଖନ୍ତୁ।

ସରଫେସି ଅଧିନିୟମ, ୨୦୦୨ର ନିୟମ ୮(୬) ଅଧୀନରେ ବୈଧାନିକ ବିକ୍ରୟ ନୋଟିସ

ତାରିଖ: ୨୨।୦୭।୨୦୨୦, ସ୍ଥାନ: ନୂଆଦିଲ୍ଲୀ — ପ୍ରାଧିକୃତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ

## ଜିଲାରେ ସଂକ୍ରମିତ ସଂଖ୍ୟା ୩୧୩କୁ ବୃଦ୍ଧି

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୧୩ରେ ପହଞ୍ଚିଛି। ଗୋଟିଏ ଦିନରେ ନୂଆ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପାଟଣାଗଡ ଏନ୍ଏସି ଅନ୍ତର୍ଗତ ହୀରାସାଗରପଡାରେ ଜଣେ ୪୦ ବର୍ଷିୟ ମହିଳା, ପୁଇଁତଲା ବ୍ଲକ୍ ଉତ୍ତରବାହାଲଠାରେ ଦୁଇଜଣ ତାମିଲନାଡୁ ଫେରନ୍ତା ଯୁବକ, ତୁରେକେଲା ବ୍ଲକ୍‌ର ସେଲମା ଠାରେ ମହାରାଷ୍ଟ୍ର ଫେରନ୍ତା ଜଣେ ୨୦ ବର୍ଷିୟ ଯୁବକ, ମୁରିବାଲ ବ୍ଲକ୍ ଚନ୍ଦୁଟମାଲର ୩ ଜଣ, ବଲାଙ୍ଗୀର ସଦର ବ୍ଲକ୍ ବରକାନୀର ଜଣେ ବ୍ୟକ୍ତି ଓ ବଲାଙ୍ଗୀର କ୍ଲବ୍‌ପଡାର ଜଣେ ବ୍ୟକ୍ତି ସଂକ୍ରମିତ ଚିହ୍ନଟ କରାଯାଇଛି। ଏହି ୯ ସଂକ୍ରମିତଙ୍କ ଚିହ୍ନଟ ପରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୧୩କୁ ବୃଦ୍ଧି ପାଇଛି।

# ଜବରଦଖଲମୁକ୍ତ ହେଉଛି ସରକାରୀ ଜମି

**ବଲାଙ୍ଗୀର ଅଫିସ, ୨୫।୭**

କୋଭିଡ୍ ପରିଚାଳନାରେ ଦିନରାତି ଲାଗିଥିବା ଜିଲା ପ୍ରଶାସନ ଏବେ ବଲାଙ୍ଗୀର ସହରର ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ଏକ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି। ଗତ ୩/୪ ଦିନ ଭିତରେ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାସ୍ତାକଡ଼ରୁ ଜବରଦଖଲ ଉଠାଇବା ପାଇଁ ପ୍ରଶାସନ ଲଗାଇଛି ବୁଲ୍‌ଡୋଜର। ଏ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଅନେକ ସ୍ଥାନରେ ଜୋରଦାର ବିରୋଧ ହେଉଥିଲେ ମଧ୍ୟ ଖାତିର ନ କରି ପ୍ରଶାସନ ଜବରଦଖଲ ଉଚ୍ଛେଦ ଅଭିଯାନକୁ ଜୋରଦାର କରିଛି। ଫଳରେ ସରକାରୀ ଜମିରେ ଦୋକାନ, ଘର, ପାଚେରି ନିର୍ମାଣ କରିଥିବା ଜବରଦଖଲକାରୀଙ୍କ ମନରେ ଛନକା ପଶିଛି।

ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ଗତ ୩/୪ ଦିନ ଧରି ସହରର ବିଭିନ୍ନ ସ୍ଥାନରେ ରାସ୍ତାକଡ଼ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯାଉଛି। ଶିଶୁ ଉଦ୍ୟାନ ନିକଟ ୨୬ ନମ୍ବର ଜାତୀୟ ରାଜପଥରୁ ରୁଗୁଡିପଡା, ପ୍ରତାପସାଗରପଡା, ଟିକ୍ରାପଡା, ମାଳପଡା ଦେଇ ମଦନଗୁଡିଆ ବଗିଚା ନିକଟ ରେଲ୍‌ୱେ ଷ୍ଟେଶନ୍ ରିଂ ରୋଡକୁ ସଂଯୋଗ କରୁଥିବା ରାସ୍ତାର ପ୍ରତାପସାଗରପଡା ଠାରେ ଉଚ୍ଛେଦ କାର୍ଯ୍ୟ କରାଯାଇଛି। ଏହାପରେ ଆରଟିଓ ଅଫିସଠାରୁ ରେଲ୍‌ୱେ ଷ୍ଟେଶନ୍ ରିଂରୋଡର ସାଲେପାଲିଠାରେ ଉଚ୍ଛେଦ କାର୍ଯ୍ୟ କରାଯାଇଛି। ଏଠାରେ ଉଚ୍ଛେଦ କାର୍ଯ୍ୟ କରାଯିବା ପରେ ଏବେ ପ୍ରଶସ୍ତ ରାସ୍ତା ତିଆରି କରାଯିବ। ଫଳରେ ଆର୍‌ଟିଓ ଅଫିସରୁ ସାଲେପାଲି, ରେଲ୍‌ୱେ ଷ୍ଟେଶନ୍, ଗଟେସରୋବରପଡା, ସୁଦପଡା ଦେଇ ବେହେରାପାଲି ଜେଲ ଛକକୁ ଏହି ରିଂରୋଡ ପ୍ରଶସ୍ତ ହେବ।



ବରପାଲିପଡାଠାରେ ଜବରଦଖଲ ଉଚ୍ଛେଦ କରାଯାଉଛି।

### ରାସ୍ତା ପ୍ରଶସ୍ତୀକରଣ ପାଇଁ ବାଟ ଫିଟୁଛି

- ବଲାଙ୍ଗୀର ସହରର ଭିଡ଼ ପରିଚାଳନା ହେବ ସୁବିଧାଜନକ
- ପାର୍କିଂ ଅଞ୍ଚଳ, ଭେଣ୍ଡିଂ ଜୋନ୍ ପାଇଁ କାମରେ ଲାଗିବ
- ଜବରଦଖଲକାରୀଙ୍କ ମୁହଁ ଟାଣ

ଗାନ୍ଧୀନଗରପଡା ଛକରୁ ହାଟପଦାପଡା, ବ୍ରାହ୍ମଣପଡା, ବରପାଲିପଡା, ତାଲପାଲିପଡା ଦେଇ କନ୍ଧପାଲିପଡା ଛକ ପର୍ଯ୍ୟନ୍ତ ଯାଇଥିବା ଲିଙ୍କରୋଡରେ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ତାଲପାଲିପଡା, ବରପାଲିପଡା ଓ ଗାନ୍ଧୀନଗରପଠାରେ ଉଚ୍ଛେଦ କାର୍ଯ୍ୟ କଲାବେଳେ କେତେକ ଲୋକ ବିରୋଧ କରିଥିଲେ। ତେବେ ପ୍ରଶାସନ କିଛି କଥା ଶୁଣିନାହିଁ। ଦୀର୍ଘବର୍ଷ ହେଲା ରାସ୍ତା ଉପର ସରକାରୀ ଜମିରେ ଷ୍ଟଲ, ଦୋକାନ ଘର କରି ଲୋକେ ଓଲଟା ପ୍ରଶାସନକୁ ନାଲିଆଖି ଦେଖାଇବା ଚର୍ଚ୍ଚାର ବିଷୟ ହୋଇଛି। ତେବେ କେତେକ ଘରକୁ ଉଚ୍ଛେଦ ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ମାତ୍ର ପ୍ରଶାସନ ଅଧିକାରୀମାନେ ଏହାକୁ ଅସ୍ୱୀକାର କରିଛନ୍ତି। ବିଭିନ୍ନ ରାସ୍ତା ପ୍ରଶସ୍ତୀକରଣ ପାଇଁ ସରକାରୀ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ ହେଉ ନ ଥିବାରୁ ଏହି କାମ ହୋଇପାରୁ ନ ଥିଲା। ଏବେ ପ୍ରଶାସନ ଅଣ୍ଟାଭିଡିଛି। କେତେକ ରାଜନୈତିକ ଦଳର କର୍ମୀଙ୍କ ପ୍ରୋତ୍ସାହନରେ କତିପୟ ଲୋକେ ଜବରଦଖଲ ଉଚ୍ଛେଦ ଅଭିଯାନକୁ ବିରୋଧ କରିବା ଯୋଜନା କରୁଥିଲେ। ପ୍ରଶାସନ ଏ ଦିଗରେ କର୍ଣ୍ଣପାତ ନ କରିବା ପରେ ଏବେ ମୁଣ୍ଡ ଆଉଁଶି ରହିଛନ୍ତି। ସରକାରୀ ବସ୍‌ଷ୍ଟାଣ୍ଡ ପାଖ ଉପଜିଲାପାଳଙ୍କ ଆବାସ, ଜିଲାପାଳ କାର୍ଯ୍ୟାଳୟ ସଂଲଗ୍ନ ପୁରୁଣା ଯୋଗାଣ ଅଫିସ, ହସ୍ପିଟାଲ ପାଖେ ଏଡିଏମ୍‌ଓ କୋଠାକୁ ବି ଭାଙ୍ଗି ମାଟିରେ ମିଶାଇ ଦେଇଛି। କେତେକ ସ୍ଥାନରେ ମ୍ୟୁନିସିପାଲିଟି ଭେଣ୍ଡିଂ ଜୋନ ଓ ପାର୍କିଂ ଜୋନ କରିବା ଯୋଜନା କରିଛି। ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ତହସିଲଦାର ଲଲାଟ ଲୁହା ଓ ପୂର୍ତ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ମହାନନ୍ଦ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଉଚ୍ଛେଦ ଅଭିଯାନ ତଦାରଖ କରୁଛନ୍ତି।

## ସଂକ୍ଷେପରେ

### ୧୧ ଦିନରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

**ଝାରସୁଗୁଡ଼ା ଅଫିସ, ୨୫।୭:** ଝାରସୁଗୁଡ଼ା ଜିଲା ପୋଲିସ ପକ୍ଷରୁ କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜୋରଦାର କରାଯାଇଛି। ଗତ ୧୩ ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ୧୧ଦିନ ମଧ୍ୟରେ ଆଇନ ଉଲ୍ଲଂଘନକାରୀଙ୍କଠାରୁ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ବିପୁଳ ପରିମାଣର ମଦ ମଧ୍ୟ ଜବତ ହୋଇଛି। ଏ ନେଇ ଏସ୍‌ପି ରାହୁଲ ପିଆର୍ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି।

### ସୁବର୍ଣ୍ଣପୁରରେ ସାପ୍ତାହିକ ହାଟ, ଟିଉସନ, କୋଚିଂ ସେଣ୍ଟର ବନ୍ଦ

**ସୋନପୁର,୨୫।୭(ନି.ପ୍ର.):** ସୁବର୍ଣ୍ଣପୁର ଜିଲାରେ ମହାମାରୀ କରୋନା ସଂକ୍ରମଣକୁ ରୋକିବା ପାଇଁ ଜିଲାପାଳ ମୋନିଷା ବାନାର୍ଜୀ ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ସାପ୍ତାହିକ ହାଟ ବନ୍ଦ ରହିବ । ସେହିପରି ଅନ୍ୟାଦେଶ ପର୍ଯ୍ୟନ୍ତ ଟିଉସନ ଓ କୋଚିଂ ସେଣ୍ଟରଗୁଡ଼ିକୁ ବନ୍ଦ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି କଟକଣା ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରକାଶ ଯେ, ବାରମ୍ବାର ସଚେତନ କରାଯିବା ପରେ ମଧ୍ୟ ସାପ୍ତାହିକ ହାଟଗୁଡ଼ିକରେ ଲୋକେ ସାମାଜିକ ଦୂରତ୍ୱକୁ ମାନୁ ନାହାନ୍ତି । କେତେକ ଲୋକ ମାସ୍କ ବ୍ୟବହାର କରୁ ନ ଥିବା ମଧ୍ୟ ଦେଖିବାକୁ ମିଳୁଛି । ସେହିଭଳି କେତେକ ଶିକ୍ଷୟିତ୍ରୀ ଶିକ୍ଷକ କୋମଳ ମତି ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଉନାହାନ୍ତି । ଟିଉସନ୍ ଓ କୋଚିଂ ସେଣ୍ଟରଗୁଡ଼ିକ ଯଥାରୀତି ବିନା ସାମାଜିକ ଦୂରତ୍ୱରେ ଚାଲିଥିବା ଦୃଷ୍ଟିକୁ ଆସିଥିଲା । ଅଭିଯୋଗ ପରେ ଜିଲାପାଳ ଏହି ପଦକ୍ଷେପ ନେଇଛନ୍ତି । ପୂର୍ବରୁ ଜିଲାପାଳ ପ୍ରତ୍ୟେକ ଶନିବାର ଓ ରବିବାର ସମ୍ପୂର୍ଣ୍ଣ ଜିଲାକୁ ସପ୍ତାହନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି । ସେହିଭଳି ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ପ୍ରତ୍ୟହ ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲାଯାଉଛି । ଅପରାହ୍ନ ୪ଟାରୁ ଲକ୍‌ଡାଉନ୍ ସ୍ୱରୂପ କର୍ଫ୍ୟୁ ବଳବତ୍ତର ରହିଛି ।

### ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟଙ୍କ ପରଲୋକ

**ଝାରସୁଗୁଡ଼ା ଅଫିସ, ୨୫।୭:** ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା କବି ଜୟନାରାୟଣ ତ୍ରିପାଠୀଙ୍କ ଶନିବାର ତାଙ୍କ ଝାରସୁଗୁଡା ସରବାହାଲସ୍ଥିତ ବାସଭବନରେ ପରଲୋକ ଘଟିଛି। ୧୯୩୯ ଏପ୍ରିଲ ୨୫ରେ ସମ୍ବଲପୁର ଜିଲା ଶ୍ରୀପୁରା ଗ୍ରାମରେ ଜନ୍ମିତ ତ୍ରିପାଠୀ ଡାକସେବା ବିଭାଗରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଛାତ୍ର ଜୀବନରୁ ଆରମ୍ଭ ଲେଖନୀ ଚାଳନା ଜୀବନର ଶେଷ ସମୟ ଯାଏ ବଳବତ୍ତର ରହିଥିଲା। ସାରସ୍ୱତ ସାଧନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ, ଉତ୍କଳ ସାହିତ୍ୟ ସମାଜ ଝାରସୁଗୁଡା ଶାଖା ସହିତ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ।

## କୃଷି ବିଜ୍ଞାନ କେନ୍ଦ୍ରର ନୂତନ ଅଫିସ ଗୃହ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୨୫।୭**

ବଲାଙ୍ଗୀର ଲର୍କିପାଲିଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ରର ନୂତନ ଅଫିସ କୋଠା ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ଅନୁଷ୍ଠାନ ସଚିବ ତଥା ଭାରତୀୟ କୃଷି ଗବେଷଣା ପରିଷଦ ମହାନିର୍ଦ୍ଦେଶକ ଡ. ତ୍ରିଲୋଚନ ମହାପାତ୍ର ଭିଡିଓ କନ୍‌ଫେରେନ୍ସରେ ଉଦ୍‌ଘାଟନ କରିଛନ୍ତି। ୨୦୦୯ରୁ ଏକ ପୁରୁଣା କୋଠାରେ ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ର ଚାଲିଥିଲା। ୨୦୧୯ରୁ ନୂତନ କୋଠା ନିର୍ମାଣ ଆରମ୍ଭ ହୋଇ ନିକଟରେ ସମ୍ପୂର୍ଣ୍ଣ ହୋଇଛି। ନୂତନ କୋଠା କାର୍ଯ୍ୟକ୍ଷମ ହେବା ପରେ ବୈଜ୍ଞାନିକଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ ଓ ଚାଷୀମାନେ ସୁଫଳ ପାଇପାରିବେ ବୋଲି ସଚିବ ଡ ମହାପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତୀୟ କୃଷି ଗବେଷଣାର ଉପମହାନିର୍ଦ୍ଦେଶକ ଡ ଏ.କେ. ସିଂ, କୃଷି ବିଶ୍ୱବିଦ୍ୟାଳୟ କୁଳପତି ଡ ପବନ ଅଗ୍ରୱାଲ, ସମ୍ପ୍ରସାରଣ ଅଧ୍ୟକ୍ଷ ଡ ଲଳିତ ଗଡନାୟକ, ଯୁଗ୍ମ ନିର୍ଦ୍ଦେଶକ ଡ ମହାମାୟା ନାୟକ, କୋଲକାତାସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦର ଜୋନ୍ ଅଫିସର ପ୍ରମୁଖ ବୈଜ୍ଞାନିକ ଡ. ପି.ପି. ପାଲ, ଓୟୁଏଟି ଡିପିଏମ୍‌ଇ ନିର୍ଦ୍ଦେଶକ ଡ. ହୃଷିକେଶ ପାତ୍ର, ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ର ଆଶିଷ ଦାସ ଉପସ୍ଥିତ ଥିଲେ।

# ସାନପହଣ୍ଡି ଗାଁ ସ୍ଥିତି ଅଣାୟତ୍ତ

**ସୋନପୁର,୨୫।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଓ ବୀରମହାରାଜପୁର ବ୍ଲକରେ ସ୍ଥାନୀୟ ସଂକ୍ରମଣ ବୃଦ୍ଧି ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡିଛନ୍ତି। ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଜିଲାରେ ସପ୍ତାହନ୍ତ ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ କରାଯାଇଛି। ଲୋକାଲ କେଶ ବାହାରିଲେ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହେଉଛି। ସ୍ୱାବ୍ ଟେଷ୍ଟ ରିପୋର୍ଟ ମିଳିବାରେ ବିଳମ୍ବ ହେବାରୁ ଏବେ କରୋନା ଲକ୍ଷଣ ଜଣାପଡିଲେ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି। ସାପ୍ତାହିକ ହାଟଗୁଡିକୁ ଏବେ ବନ୍ଦ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ କୋଭିଡ ପରିଚାଳନାର ତଦାରଖ କରୁଛନ୍ତି। ତେବେ ପ୍ରଶାସନର କଟକଣାକୁ କିଛି ଅମାନିଆ ମାନୁନାହାନ୍ତି। ସାମାଜିକ ଦୂରତ୍ୱ ଅବଲମ୍ବନ ନ କରି ବାହାଘର ଭୋଜି କରୁଛନ୍ତି। ଗାଁ ଗାଁରେ ଲୋକେ ଏକାଠି ହୋଇ ତାସ ଖେଳରେ ମାତିଛନ୍ତି। ତାସ ଖେଳ ପାଇଁ ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ସାନପହଣ୍ଡି ଗାଁର ସ୍ଥିତି ଏବେ ଅଣାୟତ୍ତ ହେବାରେ ଲାଗିଛି। ଗତ ୨୧ ତାରିଖରେ ଏହି ଗାଁର ଜଣେ ୨୬ ବର୍ଷୀୟ ଯୁବକଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଥିଲା। ଗତ ୧୩ ତାରିଖରେ ଯୁବକଙ୍କ ସ୍ୱାବ୍ ସଂଗ୍ରହ ହୋଇଥିଲା ବେଳେ ସରକାରୀ ଅବହେଳାରୁ ରିପୋର୍ଟ ବିଳମ୍ବରେ ଆସିଲା। ଫଳରେ ଯୁବକ ଜଣକ ସଂକ୍ରମିତ ବୋଲି ଜାଣି ନ ପାରି ଲୋକଙ୍କ ସହିତ ମିଶିଲେ। ତାସ ଖେଳିଲେ। ଫଳରେ ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ଏହି ଗାଁରୁ ସର୍ବାଧିକ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହେଲେଣି। କଣ୍ଟେନମେଣ୍ଟ ଜୋନ୍ ଘୋଷଣା ପରେ ବି ଗ୍ରାମରୁ ପ୍ରତ୍ୟହ ନୂଆ ସଂକ୍ରମିତ ବାହାରୁଛନ୍ତି। ଯାହା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ବୀରମହାରାଜପୁର ବ୍ଲକ ଟେଭାପଦର ଗାଁରେ ମଧ୍ୟ ବାହାଘର ଭୋଜି ଖାଇ ଲୋକେ ସଂକ୍ରମିତ ହୋଇଛନ୍ତି। ବର୍ତ୍ତମାନ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୭୯ରେ ପହଞ୍ଚି ଥିବା ବେଳେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ ବୋଲି ଜଣାପଡିଛି। ତେଣୁ ଲୋକେ ସଚେତନ ହୋଇ ପ୍ରଶାସନର କଟକଣା ମାନି ଚଳିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।



ଜିଲାପାଳ ମୋନିଷା ବାନାର୍ଜୀ ସପ୍ତାହାନ୍ତ ଶଟ୍‌ଡାଉନ୍‌କୁ ଶନିବାର ନିରୀକ୍ଷଣ କରୁଛନ୍ତି।

### ତାସ ଖେଳରୁ ସଂକ୍ରମଣ ବଢିଛି

## ୱାର୍ଡ ସଭ୍ୟାସଭ୍ୟ ଉପଜିଲାପାଳଙ୍କୁ ଫେରାଦ

**ଲୋଇସିଂହା, ୨୫।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତରେ ଉନ୍ନୟନ କାମରେ ଦୁର୍ନୀତି ହେଉଥିବା ଅଭିଯୋଗ କରି ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଉପଜିଲାପାଳ ସଞ୍ଜୟ ମିଶ୍ରଙ୍କ ନିକଟରେ ଦାବି କରିଛନ୍ତି। ହୀରାପୁର ପଞ୍ଚାୟତର ସଦର ଗାଁ ହୀରାପୁରରେ କେତେକ ଉନ୍ନୟନ କାମ ନକରି ବିଲ୍ ଉଠାଯାଇଥିବା ନେଇ ବ୍ଲକ ପ୍ରଶାସନ ନିକଟରେ ଗ୍ରାମବାସୀ ଫେରାଦ ହୋଇଥିଲେ। ଅପରପକ୍ଷେ ଶୁକ୍ରବାର ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନେ ପଞ୍ଚାୟତର ପନେସରା ପଦର ରାସ୍ତା, ଜମି ଉନ୍ନତୀକରଣ, ଗୋପଲୁର ଗ୍ରାମର ବନ୍ଧଲି ମାଟି ଉନ୍ନତୀକରଣ,ବାରଡୁଲ ପୋଖରୀମାଟି ଉନ୍ନତୀକରଣ, ମାଣ୍ଡିଆପଦର ସ୍କୁଲଠାରୁ ଶ୍ୟାମ ସାହୁ ଜମି ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ କରା ନ ଯାଇ ବିଲ ଉଠାଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ୨୦୧୭ରୁ ୨୦୧୯ ମଧ୍ୟରେ ଟେଭାଡୁଙ୍ଗରୀ ପାନୀୟ ପ୍ରକଳ୍ପର ପମ୍ପ ମରାମତି ନାଁରେ ଅର୍ଥ ଆତ୍ମସାତ୍ ହୋଇଥିବା ଅଭିଯୋଗ ଆଣିଛନ୍ତି। ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ମାସମାସ ଧରି ପଞ୍ଚାୟତ ବୈଠକ ଡକା ଯାଉ ନଥିବାରୁ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲାଲମନ ନାଗ, ମଧୁସୂଦନ ପୁଟେଲ, ମଣିଲାଲ ଦୀପ, ଅଜାମିଲ ସେଠ ପ୍ରମୁଖ ଉପଜିଲାପାଳଙ୍କୁ ଫେରାଦ ହୋଇଥିଲେ।

## ବିଏସ୍‌ଏଫ ଯବାନଙ୍କ ସମେତ ୪ ପଜିଟିଭ୍ ଚିହ୍ନଟ

**ସୋନପୁର/ଡୁଙ୍ଗୁରିପାଲି,୨୫।୭(ନି.ପ୍ର./ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଶନିବାର ଆଉ ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ବିଏସ୍‌ଏଫ୍ ଯବାନ ଓ ଅନ୍ୟ ୩ ଜଣ ସାନପହଣ୍ଡି ଗ୍ରାମର ଗୋଟିଏ ପରିବାରର। ରାପିଡ୍ ଆଣ୍ଟିଜେନ୍ ଟେଷ୍ଟରୁ ରିପୋର୍ଟ ପଜିଟିଭ୍ ଆସିଛି। ସୁନାପାଲିର ୨୯ବର୍ଷୀୟ ଯବାନ ପଞ୍ଜାବରେ ଚାକିରି କରନ୍ତି। ଗତ ୨୧ ତାରିଖରେ ସେ ଘରକୁ ଫେରିବା ପରେ ସ୍ଥାନୀୟ ଟିଏମ୍‌ସିରେ ସଙ୍ଗରୋଧରେ ଥିଲେ। ସାନପହଣ୍ଡି ଗ୍ରାମର ଜଣେ ୨୫ ବର୍ଷୀୟ ଯୁବକ, ତାଙ୍କ ମା ଓ ବାପା କରୋନା ସଂକ୍ରମିତ ହୋଇଛନ୍ତି।


**OFFICE OF THE**

**NOTIFIED AREA COUNCIL, BIJEPUR**

At/P.O./P.S.- Bijepur, Dist.- Bargarh, PIN - 768032 (Odisha)

E-mail ID: bijepurnac2018@gmail.com

No. 754 Dt.24.07.2020

**"e" Procurement Notice**

**Bid Identification No. EO/Bijepur/01/2020-21**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in.

| | | |
|---|---|---|
| 1. | Nature of Work | : Civil Work |
| 2. | No. of Works | : 08 Nos. |
| 3. | Estimated Cost | : As per NIT |
| 4. | Period of Completion | : As per NIT |
| 5. | Date and time of availability of the documents in the portal | : From 10 hours of 27.07.2020 to 17 hours of 10.08.2020 |
| 6. | Last date/time for receipt of bids in the portal | : Dt.10.08.2020 upto 17 hours |
| 7. | Bids received online shall be opened on | : Dt.12.08.2020 at 11 hours |
| 8. | Name and address of the Officer Inviting Bid | : Executive Officer, NAC, Bijepur |

Further the details can be seen from the procurement portal www.tendersodisha.gov.in.

Sd./- Executive Officer, NAC, Bijepur


# ମେରୁଦଣ୍ଡ ରୋଗରେ ଶଯ୍ୟାଶାୟୀ ସରିତା

**ବିନିକା,୨୫।୭(ଡି.ଏନ୍,ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୌଡିଆମୁଣ୍ଡା ଗ୍ରାମର ହରିଜନ ପଡାରେ ରହୁଥିବା ୭ ବର୍ଷୀୟା କୋମଳମତି ଶିଶୁ ସରିତା ଜନ୍ମ ହେବାର ଛଅ ମାସ ପରେ ମେରୁଦଣ୍ଡ ରୋଗରେ ଶଯ୍ୟାଶାୟୀ ହୋଇ ଅଭିଶପ୍ତ ଜୀବନ ବିତାଉଛି। ଯେଉଁ ସମୟରେ ଗାଁ ଦାଣ୍ଡରେ ନିଜ ସାଙ୍ଗସାଥୀ ମେଳରେ ଧୂଳି ଧୂସର ହୋଇ ଖେଳିବା କଥା ସେହି ସମୟରେ ଖଟିଆରେ ପଡି ଜୀବନ ସହ ଜୁଝୁଛି। ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଫଳରେ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଦିନ କାଟିବାକୁ ପଡୁଛି ବୋଲି ସରିତାଙ୍କ ବାପା ଅଚ୍ୟୁତାନନ୍ଦ କୁମ୍ଭାର ଓ ମା' ମମତା ଦୁଃଖର ସହ କହିଛନ୍ତି।

ଅଚ୍ୟୁତାନନ୍ଦଙ୍କ ବଡଝିଅ ହେଉଛନ୍ତି ସରିତା। ମେରୁଦଣ୍ଡ ରୋଗରେ ପୀଡିତ ହେବା ପରେ ସେ ସମ୍ପୂର୍ଣ୍ଣ ଅକର୍ମଣ୍ୟ ହୋଇ ଯାଇଛନ୍ତି। ମା',ବାପା ବିଛଣାରୁ ଉଠାଇଲେ ଉଠୁଛି ,ଖୁଆଇ ଦେଲେ ଖାଉଛି , ନିଜେ କିଛି କରି ପାରୁନାହିଁ। ଶୈଶବରେ ଝିଅର ଏଭଳି ଦୟନୀୟ ଅବସ୍ଥା ଦେଖି ଗରିବ ମା ,ବାପା ଅସହାୟ ହୋଇ ପଡିଛନ୍ତି। ଝିଅକୁ ଉନ୍ନତମାନର ଚିକିତ୍ସା ସୁବିଧା ଦେବା ପାଇଁ କଟକ କିମ୍ବା ଭୁବନେଶ୍ୱରର ଡାକ୍ତରଖାନା ନେବାକୁ ମଧ୍ୟ ସମ୍ବଳ ନାହିଁ। ଅଚ୍ୟୁତ ମୂଲ ନ ଲାଗିଲେ ଘରେ ଚୁଲି ଜଳେ ନାହିଁ। ଏମିତିରେ କେଉଁଠୁ ଟଙ୍କା ଆଣିବେ ଝିଅର ଚିକିତ୍ସା ପାଇଁ ତାହା ଚିନ୍ତାର ବିଷୟ ହୋଇଛି। ଅଚ୍ୟୁତାନନ୍ଦ କୁହନ୍ତି, ଘରେ ଥିବା କିଛି କଂସା ବାସନ କୁସନ ଓ ଗହଣା ବିକି ଝିଅକୁ ସୋନପୁର ,ବୁର୍ଲା ଏବଂ ବଲାଙ୍ଗୀର ସରକାରୀ ମେଡିକାଲ ନେଇ ଦେଖାଇ ସାରିଛି। ମାତ୍ର ସରିତାର ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଘଟିନାହିଁ। ଜନ୍ମର କିଛି ମାସ ପରେ ମେରୁଦଣ୍ଡ ସମସ୍ୟା ହୋଇଥିଲା। ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେବା ବେଳେ କଟକ ଶିଶୁଭବନ ନେଇଗଲେ ଭଲ ହୋଇଯିବ ବୋଲି କୁହାଯାଇଥିଲା। କିନ୍ତୁ ଟଙ୍କା ନ ଥିବାରୁ ସେଠାକୁ ଝିଅକୁ ନେଇ ପାରୁ ନ ଥିବା ଅଚ୍ୟୁତାନନ୍ଦ କୋହଭରା କଣ୍ଠରେ କହିଛନ୍ତି। ସରିତା ୯୦ ଭାଗ ଭିନ୍ନକ୍ଷମ ପ୍ରମାଣ ପତ୍ର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପାଇଛନ୍ତି। ତାଙ୍କ ଚିକିତ୍ସା ପାଇଁ ଜିଲା ପ୍ରଶାସନ ସହଯୋଗର ହାତ ବଢାଇବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।



ମା' କୋଳରେ ସରିତା।

### ଚିକିତ୍ସାରେ ଅର୍ଥ ସାଜିଛି ବାଧକ


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

ପାର୍ଟ ଟାଇମ୍ କାମ
ଟେଲିକମ୍ 4ଜି କମ୍ପାନୀରେ (ଏସ୍‌ଏମ୍‌ଏସ୍–କାମ) କରି, ପୁଅ, ଝିଅ, ଗୃହିଣୀମାନେ ଘରେ ବସି ମାସିକ 15,000–45,000 ରୋଜଗାର କରନ୍ତୁ ।
ଲାପଟପ୍ + ମୋବାଇଲ ମାଗଣା
ଏସ୍‌ଏମ୍‌ଏସ୍/କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
ମୋବାଇଲ + ଲାପ୍‌ଟପ୍ ମାଗଣା
07044895450
07044895402

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ
ଭଡ଼ା- 65,000
ବାଇକ୍ ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

